# ନିୟନ୍ତ୍ରିତ ବଜାର କମିଟି,ଢେଙ୍କାନାଳ

ବିଜ୍ଞାପନ ନଂ ୧୭୬୮ ତାରିଖ. ୨୮.୧.୨୦୨୦

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳଙ୍କ ଦ୍ଵାରା କୃଷକ ବଜାର (କୈବଲ୍ୟ ବଜାର) ଢେଙ୍କାନାଳ ଠାରେ ଚାଷୀ,ବ୍ୟବସାୟୀ ଏବଂ ଖାଉଟୀ ମାନଙ୍କ ନିମନ୍ତେ ଏକ କ୍ୟାଂଟିନ ଗୃହ ନିର୍ମାଣ କରାଯାଇଅଛି । ଏହି କ୍ୟାଂଟିନଟି ଭଡା ସୂତ୍ରରେ ଦିଆଯିବା ପାଇଁ ବଜାର କମିଟି ତରଫରୁ ସ୍ଥିର କରାଯାଇଅଛି ।

ଏଣୁ ଇଚ୍ଛୁକ ହୋଟେଲ ବ୍ୟବସାୟୀ କ୍ୟାଂଟିନ ଭଡାସୂତ୍ରରେ ନେବାପାଇଁ ସ୍ପିଡ୍ ପୋଷ୍ଟ / କୋରିୟର ସର୍ଭିସ୍ ମାଧ୍ୟମରେ କିମ୍ବା ନିୟନ୍ତ୍ରିତ ବଜାର କମିଟି ଢେଙ୍କାନାଳ କାର୍ଯାଳୟଠାରେ ରଖା ଯାଇଥିବା ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ଦରଖାସ୍ତ ସହିତ **ଟ.୧୫,୦୦୦/-ଙ୍କା (ପନ୍ଦର ହଜାର)** ମୂଲ୍ୟର E.M.D. ରାଶି(ଯେ କୌଣସି ଜାତୀୟ ବ୍ୟାଙ୍କ ଦ୍ଵାରା ଡ୍ରାଫ୍ଟ ମାଧ୍ୟମରେ) Secretary, R.M.C. Dhenkanalଙ୍କ ନାମରେ ଦରଖାସ୍ତ ସହିତ ସଂଯୋଗ କରି ତା.୦୫.୦୨.୨୦୨୦ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ପାଇଁ ଜଣାଇ ଦିଆଯାଉଛି ।ସମସ୍ତ ଦରଖାସ୍ତ ଗୁଡିକ ତା.୦୬.୦୨.୨୦୨୦ରିଖ ଅପରାହ୍ନ ୩.୦୦ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି,ଢେଙ୍କାନାଳ କାର୍ଯ୍ୟାଳୟରେ ଖୋଲାଯାଇ ଅଧ୍ୟକ୍ଷଙ୍କ ଦ୍ଵାରା ଉପଯୁକ୍ତ ଦରଖାସ୍ତକାରୀଙ୍କ ନାମ ଚୟନ କରାଯିବ । ନିର୍ଦ୍ଧିଷ୍ଟ ସମୟ ଅବଧି ବାହାରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

**<u>କ୍ୟାଂଟିନ ପାଇଁ ବିଭିନ୍ନ ସର୍ତ୍ତର ବିବରଣୀ ନିମ୍ନରେ ଦିଆଗଲା -</u>**

୧. କ୍ୟାଂଟିନର ମାସିକ ଭଡା ଟ.୬,୦୦୦/-ଙ୍କା (ବିଦ୍ୟୁତ୍ ବିଲ୍ ଅଲଗା) ରଖାଯାଇଅଛି ।

୨. କ୍ୟାଂଟିନ ପାଇଁ ସିକ୍ୟୁରିଟି ଜମା ଟ.୧,୫୦,୦୦୦/-ଙ୍କା ରଖାଯାଇଛି (ବିନା ସୁଧ ପ୍ରାପ୍ତ) ଚୁକ୍ତିନାମା ପୂର୍ବରୁ ପୈଠ କରାଯିବ ।

୩. ଯେଉଁ ଦରଖାସ୍ତକାରୀ ତୁଳନାତ୍ମକ ଭାବେ ସର୍ବାଧିକ ଭଡା ଦେବାକୁ ଦରଖାସ୍ତରେ ଦର୍ଶାଇଥିବେ ଏବଂ ଅନ୍ୟାନ୍ୟ ନୀତି ନିୟମକୁ ପାଥେୟ ସହିତ ଦରଖାସ୍ତ କରିଥିବେ ତାଙ୍କୁ କ୍ୟାଂଟିନ ପାଇଁ ମନୋନୀତ କରାଯିବ ।

୪. ଯଦି ଦରଖାସ୍ତକାରୀଙ୍କ ଦ୍ଵାରା ଦର୍ଶାଯାଇଥିବା ଭଡା ସମପରିମାଣର ହୁଏ ସେହି ପରିପ୍ରେକ୍ଷିରେ ଲଟେରୀ ଦ୍ଵାରା ହିତାଧିକାରୀ ଚୟନ କରାଯିବ ।

୫. ଯେଉଁ ଦରଖାସ୍ତକାରୀ ଚୟନ ହେବେନାହିଁ ସେମାନଙ୍କୁ ସମସ୍ତ E.M.D ରାଶି ଫେରସ୍ତ କରାଯିବ ।

୬. ଏହି କ୍ୟାଂଟିନ ପରିଚାଳନା ପାଇଁ ୩ ବର୍ଷ ପର୍ଯ୍ୟନ୍ତ ଚୁକ୍ତିନାମା ସ୍ୱାକ୍ଷର ହେବ ଏବଂ ଉକ୍ତ ଅବଧି ମଧ୍ୟରେ କୌଣସି ଭଡାବୃଦ୍ଧି ହେବନାହିଁ ।

୭. ଚୟନ ହୋଇଥିବା ବ୍ୟକ୍ତି ସିକ୍ୟୁରିଟି ରାଶି ଦାଖଲ ପରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ ଏବଂ ଚୁକ୍ତିନାମାର ବିଭିନ୍ନ ସର୍ତ୍ତକୁ ପାଳନ କରି ଏହି କ୍ୟାଂଟିନ ଚଳାଇବେ ।

୮. ପୂର୍ବାହ୍ନ ଘ.୧୦.୦୦ରୁ ଅପରାହ୍ନ ଘ.୫.୦୦ ମଧ୍ୟରେ ଏହି କ୍ୟାଂଟିନ ଗୃହ ଇଚ୍ଛୁକ ଦରଖାସ୍ତକାରୀ ପରିଦର୍ଶନ କରିପାରିବେ ।

୯. ଅନ୍ୟାନ୍ୟ ସର୍ତ୍ତାବଳୀ ସଂପାଦକ, ନିୟନ୍ତ୍ରିତ ବଜାର କମିଟି , ଢେଙ୍କାନାଳଙ୍କୁ ସାକ୍ଷାତ କରି ବୁଝିପାରିବେ ।

୧୦.ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି , ଢେଙ୍କାନାଳଙ୍କର ଯେ କୌଣସି ଗୋଟିଏ କିମ୍ବା ସମସ୍ତ ଦରଖାସ୍ତ ଖାରଜ କରିବାର ଅଧିକାର ରହିଛି ।

ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି ,ଢେଙ୍କାନାଳ

# କ୍ୟାଂଟିନ ପାଇଁ ଆବେଦନ ଫର୍ମର ନକଲ

୧. ଆବେଦନକାରୀଙ୍କ ନାମ-

୨. ପିତା/ ସ୍ୱାମୀଙ୍କ ନାମ-

୩. ବର୍ତ୍ତମାନ ଠିକଣା-

୪. ସ୍ଥାୟୀ ଠିକଣା-

୫. ହୋଟେଲ ବ୍ୟବସାୟରେ ଅଭିଜ୍ଞତା – ହଁ / ନାହିଁ

ଯଦି ପୂର୍ବରୁ ବ୍ୟବସାୟ କରୁଥାନ୍ତି - ----ବର୍ଷ

୬. ହୋଟେଲ ବ୍ୟବସାୟ ପାଇଁ ଆବଶ୍ୟକ ସାମଗ୍ରୀ ଓ ସମ୍ବଳ- ଅଛି / ନାହିଁ

୭. ଦରଖାସ୍ତକାରୀଙ୍କ ଆଧାର କାର୍ଡର ନମ୍ବର-

(ଆଧାର କାର୍ଡର ନକଲ ଦରଖାସ୍ତ ସହିତ ସଂଯୋଗ କରାଯିବ)

୮. ଦରଖାସ୍ତକାରୀଙ୍କ ମୋବାଇଲ ଫୋନ ନମ୍ବର -

୯. ଦରଖାସ୍ତକାରୀଙ୍କ ନାମରେ କୌଣସି ଫୌଜଦାରୀ ମକଦ୍ଦମା ଅଛିକି ?- ହଁ / ନାହିଁ

ଯଦି ଥାଏ ତାହାର ବିବରଣୀ-

୧୦. ମାସିକ ଭଡା କେତେ ଟଙ୍କା ଦେବେ ନିମ୍ନରେ ଦର୍ଶାଇବେ:-

(ଛଅ ହଜାର ଟଙ୍କାରୁ କମ୍ ହୋଇନଥିବ)

ଟ.(-----------------------------------) (ଅଙ୍କରେ)

ଟ.(-----------------------------------) (ଅକ୍ଷରରେ)

ଆମ୍ଭେ ଶ୍ରୀ ....................................... .......ଏତଦ୍ୱାରା ଘୋଷଣା କରୁଅଛୁ ଯେ, ଆମ୍ଭଦ୍ୱାରା ଦର୍ଶାଯାଇଥିବା ଉପରୋକ୍ତ ତଥ୍ୟ ଗୁଡିକ ସତ୍ୟ ଅଟେ । ଏହା ଭୁଲ ପ୍ରମାଣିତ ହେଲେ ଆମ୍ଭର ସମସ୍ତ ଦାବୀ ଅଗ୍ରାହ୍ୟ କରାଯିବ।

ତାରିଖ

ଆବେଦନକାରୀଙ୍କ ସ୍ୱାକ୍ଷର

**ପରିପତ୍ର ସଂ ୧୪୦ (ଓ)/ତା ୨୮.୧.୨୦୨୦**

ଏହି ବିଜ୍ଞାପନର ଏକକିତା ନକଲ ନିୟନ୍ତ୍ରିତ ବଜାର କମିଟି ,ଢେଙ୍କାନାଳ / କୃଷକ ବଜାର / ସଦର ବ୍ଲକ କାର୍ଯ୍ୟାଳୟ / ସଦର ତହସିଲ କାର୍ଯ୍ୟାଳୟ/ ସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଲଗାଇବା ସହିତ ଏହାର ବ୍ୟାପକ ପ୍ରସାର ,ପ୍ରଚାର ପାଇଁ D.I.O. NIC, Dhenkanalଙ୍କ ନିକଟକୁ ପଠାଇବା ପାଇଁ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଗଲା ।

ଉପଜିଲ୍ଲାପାଳ- ତଥା- ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି,ଢେଙ୍କାନାଳ